# ସତ୍ୟବାଣୀ

# VOICE OF TRUTH

July & August
2001

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

CHURCH OF CHRIST
P.O.BOX. NO. 80, KAKINADA
A.P. - 533 001
PH : 0884-363722

Vol. 6. July & August - 2001 (No. 7-8)

Published every two months
in Oriya Language for the Restoration of pure
New Testament Christianity

Free! Free!! Free!!!

Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the course and obtain a copy of Oriya Holy Bible absolutely free! Send your address today to :

THE DIRECTOR
**BIBLE CORRESPONDENCE COURSE**
P.O.BOX.NO. 80, KAKINADA - 533 001.

# ସତ୍ୟବାଣୀ

## VOICE OF TRUTH

VOL - VI Kakinada 2001 July-Aug


# ଈଶ୍ୱରଙ୍କ ଯୋଜନା ?

## (The Plan of God)

''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ । ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହେଲା । ଆଉ ସେ ସମସ୍ତ ସୃଷ୍ଟ ହୋଇଅଛି । ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ... '' (ଯୋହନ ୧୦,୧-୩) ସେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ସମସ୍ତ ସୃଷ୍ଟିର ପ୍ରଥମ ଜାତ, କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ, ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି । ସମସ୍ତ ବିଷୟ ସୃଷ୍ଟ ହେବା ପୂର୍ବରୁ ସେ ଅଛନ୍ତି, ଓ ତାହାଙ୍କ ଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି ।'' (କଲସୀ ୧:୧୫-୧୭) । ''ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି, ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ, ସେ ତାହାଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି, ପୁଣି ପାପ ମାର୍ଜ୍ଜନା କଲା ଉତ୍ତାରେ ଊର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରି ଅଛନ୍ତି । ସେ ଯେଉଁ ପରିମାଣରେ ସ୍ୱର୍ଗଦୂତମାନଙ୍କ ଅପେକ୍ଷା ଅତ୍ୟଧିକ ଉତ୍କୃଷ୍ଟ ନାମର ଅଧିକାରୀ ହୋଇଅଛନ୍ତି । କାରଣ ଈଶ୍ୱର ଦୂତମାନଙ୍କ ମଧ୍ୟରୁ କାହାକୁ କେବେ ଏହା କହିଅଛନ୍ତି, ''ତୁମ୍ଭେ ଆମ୍ଭର ପୁତ୍ର, ଆଜି ଆମ୍ଭେ ତୁମ୍ଭଙ୍କୁ ଜନ୍ମ ଦେଇଅଛୁ । ପୁନଶ୍ଚ ଆମ୍ଭେ ତାହାଙ୍କର ପିତା ହେବା, ଆଉ ସେ ଆମ୍ଭର ପୁତ୍ର ହେବେ ? ପୁଣି ଯେଉଁ ସମୟରେ ସେ ପ୍ରଥମଜାତକୁ ପୁନର୍ବାର ଜଗତ ମଧ୍ୟରେ ପ୍ରବେଶ କରାଇବେ, ସେହି ସମୟକୁ ଲକ୍ଷ୍ୟ କରିସେ କହନ୍ତି, ''ଈଶ୍ୱରଙ୍କର ସମସ୍ତ ଦୂତ ତାହାଙ୍କୁ ପ୍ରଣାମ କରନ୍ତୁ ଏକ ପକ୍ଷରେ ସେ ଦୂତମାନଙ୍କ ବିଷୟରେ କହନ୍ତି, ସେ ଆପଣା ଦୂତମାନଙ୍କୁ ବାୟୁ ସ୍ୱରୂପ କରନ୍ତି, ପୁଣି ଆପଣା ସେବକମାନଙ୍କୁ ଅଗ୍ନିର ଶିଖା ସ୍ୱରୂପ କରନ୍ତି, ଅନ୍ୟପକ୍ଷରେ ସେ ପୁତ୍ରଙ୍କ ବିଷୟରେ କହନ୍ତି, ''ହେ, ଈଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ, ପୁଣି ନ୍ୟାୟର ଦଣ୍ଡ ତୁମ୍ଭର ରାଜଦଣ୍ଡ ଅଟେ ।'' (ଏବ୍ରୀ ୧:୧୮)..... ''ଆହୁରି ହେ, ପ୍ରଭୁ, ତୁମ୍ଭେ ଆରମ୍ଭରେ

ପୃଥିବୀର ଭିତ୍ତିମୂଳ ସ୍ଥାପନ କରିଅଛ, ପୁଣି ଆକାଶମଣ୍ଡଳ ତୁମ୍ଭ ହସ୍ତକୃତ କର୍ମ '' । ସେହିସ
ବିନିଷ୍ଟ ହେବ । କିନ୍ତୁ ତୁମ୍ଭେ ନିତ୍ୟସ୍ଥାୟୀ, ଆଉ ସେହିସବୁ ବସ୍ତ୍ର ପରି ଜୀର୍ଣ୍ଣ ହୋଇଯିବ ?'' (ଏବ୍ରୀ
୧:୧୦-୧୨)

ପୃଥିବୀ ନିର୍ଜନ ଓ ଶୂନ୍ୟ ଥିଲା । ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା ଏବ ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ ବୋଲି ପରମେଶ୍ୱରଙ୍କ ଠାରୁ ଆଗତ ପୁସ୍ତ ପ୍ରକଟ କରେ । ସୃଷ୍ଟି ସମ୍ଭବ ହେବା ସମୟରେ ପରମେଶ୍ୱରଙ୍କ ସହିତ ତାହାଙ୍କ ପୁତ୍ର ଉପସ୍ଥି ଥିଲେ । ପିତା ଓ ପୁତ୍ର ଦୁହେଁ ଭାବି କାଳ ଜ୍ଞାତ ଥିବାରୁ, ମନୁଷ୍ୟ ନିମନ୍ତେ ପରିତ୍ରାଣର ଯୋଜନ ପ୍ରସ୍ତୁତ କଲେ । ଏହି ଯୋଜନା କାଳ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଗୁପ୍ତ ଥିଲା । ତତ୍ପରେ ସେହି ରହସ୍ ବାଇବଲର ସୁନ୍ଦର ପୃଷ୍ଠାରେ ବ୍ୟକ୍ତ କରାଯାଇଅଛି ।

ଯଦିଓ ନର ଓ ନାରୀ ସିଦ୍ଧ ରୂପେ ସୃଷ୍ଟି ହୋଇଥିଲେ, ଭଲ ଓ ମନ୍ଦ ନିର୍ଣ୍ଣୟ କରିବାର ସ୍ୱାଧିନତା ସେମାନଙ୍କୁ ଦିଆଯାଇଥିଲା । ସେମାନଙ୍କ ପତନ ପୂର୍ବରୁ ସେମାନଙ୍କ ପରିତ୍ରାଣର ଯୋଜନା କରାଯାଇସାରିଥିଲା । ପାପର କବଳରୁ ମର ମନୁଷ୍ୟ ରକ୍ଷା ପାଇବା ଅସମ୍ଭବ ଏବଂ ପାପୀ ମନୁଷ୍ୟ ସହିତ ନ୍ୟାୟବାନ ପରମେଶ୍ୱରଙ୍କ ସହଭାଗିତା ମଧ୍ୟ ଅସମ୍ଭବ । ମନୁଷ୍ୟ ଓ ପରମେଶ୍ୱରଙ୍କ ବ୍ୟବଧାନ ଦୂର କରିବା ନିମେନ୍ତ ଏକ ମଧ୍ୟସ୍ଥଙ୍କ ଆବଶ୍ୟକତା ପଡ଼ିଲା । ମନୁଷ୍ୟର ବିସ୍ତାର ପାପର ବଳି ନିମନ୍ତେ ପାପ ରହିତ ଏକ ମେଷଶାବକଙ୍କ ଉତ୍ସର୍ଗ ହେବାର ଯୋଜନା ଜଗତ ସୃଷ୍ଟି ପୂର୍ବେ ହେଲେ ସୁଦ୍ଧା, ଅନେକ କାଳ ପର୍ଯ୍ୟନ୍ତ ରହସ୍ୟ ଥିଲା । କାଳ ସଂପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ । ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧିନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧିନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ ।'' (ଗାଲାତି ୪:୪-୫) । ଯେପରି କାଳର ପୂର୍ଣ୍ଣତା ସମ୍ବନ୍ଧୀୟ ତାହାଙ୍କ ସଙ୍କଳ୍ପାନୁସାରେ, ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କ ଠାରେ ଏକୀଭୂତ କରିବେ ।'' (ଏଫିସୀ ୧:୧୦) ।

କାରଣ ପ୍ରକୃତ ବିଷୟରେ ପ୍ରତିରୂପ ଯେ ହସ୍ତକୃତ ମହା ପବିତ୍ର ସ୍ଥାନ । ସେଥିରେ ଖ୍ରୀଷ୍ଟ ପ୍ରବେଶ ନ କରି ବରଂ ଆମ୍ଭମାନଙ୍କ ନିମନ୍ତେ ଏବେ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହେବା ପାଇଁ ସ୍ୱର୍ଗରେ ପ୍ରବେଶ କରି ଅଛନ୍ତି । ମହାଯାଜକ ଯେପରି ଅନ୍ୟର ରକ୍ତ ଘେନି ବର୍ଷକୁ ବର୍ଷ ମହା ପବିତ୍ର ସ୍ଥାନରେ ପ୍ରବେଶ କରନ୍ତି, ସେହିପରି ସେ ଯେ ଥରକୁ ଥର ଆପଣାକୁ ଉତ୍ସର୍ଗ କରିବେ, ତାହା ନୁହେଁ । ତାହାହେଲେ, ଜଗତର ପତ୍ତନାବଧି ଥରକୁ ଥର ତାହାଙ୍କୁ ମୃତ୍ୟୁଭୋଗ କରିବାକୁ ହୋଇଥାଆନ୍ତା; କିନ୍ତୁ ଏବେ ସେ ଯୁଗାନ୍ତ ସମୟରେ ଆପଣାକୁ ବଳିରୂପେ ଉତ୍ସର୍ଗ କରିବା ଦ୍ୱାରା ପାପ ଦୂର କରିବାକୁ ପ୍ରକାଶିତ ହୋଇଅଛନ୍ତି । ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ । ଆଉ ତାହା ପରେ ବିଚାର ନିରୂପିତ ଅଛି, ସେହିପରି ଖ୍ରୀଷ୍ଟ ମଧ୍ୟ ଅନେକଙ୍କ ପାପ ବହନ କରିବା ନିମନ୍ତେ ଥରେ ମାତ୍ର ଉତ୍ସର୍ଗୀକୃତ ହୋଇ ଦ୍ୱିତୀୟ ଥର ପାପ ସକାଶେ ନୁହେଁ ବରଂ ଯେଉଁମାନେ ତାହାଙ୍କ ଅପେକ୍ଷାରେ ଅଛନ୍ତି ସେମାନଙ୍କ ପରିତ୍ରାଣ ନିମନ୍ତେ ଦର୍ଶନ ଦେବେ ।''
(ଏବ୍ରୀ ୯:୨୪-୨୮)

ମନୁଷ୍ୟର ପାପକ୍ଷମା ନିମନ୍ତେ ପ୍ରେମମୟ ପରମେଶ୍ୱର ଆପଣା ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ । ଏହି ଜଗତରେ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ଆତ୍ମା ନିମନ୍ତେ ତାହାଙ୍କ ବହୁମୂଲ୍ୟ ରକ୍ତ ପାତିତ ହୋଇଥିଲା । ଯଦିଓ ପ୍ରତ୍ୟେକଙ୍କ ନିମନ୍ତେ ତାହାଙ୍କ ରକ୍ତ ପାପମୋଚନ କରିପାରେ । ତଥାପି ଜଗତର ପ୍ରତ୍ୟେକ ପ୍ରାଣୀ ପରିତ୍ରାଣ ପ୍ରାପ୍ତ ହୁଏ ନାହିଁ । ପାପରହିତ ଜୀବନଯାପନ କରିବାରେ ମନୁଷ୍ୟକୁ ଅସମ୍ଭବ, କିନ୍ତୁ ଯେଉଁମାନେ ମନ ପରିବର୍ତ୍ତନ କରି ତାହାଙ୍କ ରକ୍ତରେ ଧୌତ ହୋଇଅଛନ୍ତି ସେମାନେ ତାହାଙ୍କ ପରିବାରରେ ଭୁକ୍ତ ହୋଇଅଛନ୍ତି । ପାପରହିତମାନଙ୍କ ସଂଗଠନକୁ, ଜଗତର ସୃଷ୍ଟି ପୂର୍ବେ ମନୋନୀତ କରିଥିଲେ । ''ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତନ ପୂର୍ବେ ତାହାଙ୍କ ଠାରେ ଆମ୍ଭମାନଙ୍କୁ ମନୋନୀତ କଲେ ।'' (ଏଫିସୀ ୧:୪)

ମନୁଷ୍ୟ ପାପରେ ପତିତ ହେବା ପରେ ଆହୁରି ଅଧିକ ଦୁର୍ଗତି ଘଟିଲା । ଧିରେ ଧିରେ ଆପଣା ସୃଷ୍ଟିକର୍ତ୍ତାଙ୍କୁ ପାସୋରି, ଆପଣା ହସ୍ତନିର୍ମିତ ମୂର୍ତ୍ତି, ପ୍ରକୃତି, ବିଶ୍ୱର ଅନ୍ୟାନ୍ୟ ବସ୍ତୁର ଆରାଧନା କରିବା ଆରମ୍ଭ କଲା । ତୁଚ୍ଛ ଦେବଗଣର ଆସକ୍ତ ମନୁଷ୍ୟର ହୃଦୟ, ସତ୍ୟ ପରମେଶ୍ୱରଙ୍କୁ ପାସୋରିଲା । ପାପୀ ମନୁଷ୍ୟର ପରିତ୍ରାଣ ନିମନ୍ତେ ଆପଣା ପୁତ୍ରଙ୍କୁ ପ୍ରେରଣ କରିବାକୁ ସଂକଳ୍ପିତ ପରମେଶ୍ୱର, ଏକ ଗୋଷ୍ଠୀକୁ ମନୋନୀତ କଲେ ଯେଉଁମାନଙ୍କ ଦ୍ୱାରା ତାହାଙ୍କ ପୁତ୍ର ଏହି ଜଗତରେ ପ୍ରକାଶିତ ହୋଇପାରିବେ । ବିଭିନ୍ନ ଦେବଦେବୀଙ୍କ ପୂଜାରୀମାନଙ୍କ ମଧ୍ୟରେ ନିବାସ କରୁଥିବା ଜଣେ ସତ୍ୟ ଉପାସକଙ୍କ ଦ୍ୱାରା ଇସ୍ରାଏଲ୍ ଗୋଷ୍ଠୀ ଉତ୍ପନ୍ନ କଲେ । ସେମାନଙ୍କ ଚତୁର୍ଦ୍ଦିଗରେ ବାସ କରିଥିବା ବିଜାତୀମାନଙ୍କ ଦ୍ୱାରା ଯେପରି ସେମାନେ ପ୍ରଭାବିତ ନ ହୁଅନ୍ତି, ସେଥିନିମନ୍ତେ ପରମେଶ୍ୱର ସେହି ଗୋଷ୍ଠୀକୁ ଏକ ନିୟମାବଳୀ ପ୍ରଦାନ କରିଥିଲେ । ପରମେଶ୍ୱର ସେମାନଙ୍କ ନିମନ୍ତେ ଯୁଦ୍ଧ କଲେ । ସେମାନଙ୍କୁ ଆଶୀର୍ବାଦ କଲେ, ସେମାନଙ୍କ ବିପଦରୁ ରକ୍ଷା କଲେ । ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ସେମାନଙ୍କ ସହିତ କଥା କହିଲେ (ଏବ୍ରୀ ୧:୧) । ଭବିଷ୍ୟଦ୍‌ବକ୍ତାମାନେ ସେମାନଙ୍କ ପାପ ଓ ମୂର୍ତ୍ତିପୂଜାରୁ ସତର୍କ କରାଇବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ପୁତ୍ରଙ୍କ ଆଗମନ ନିମନ୍ତେ ସେମାନଙ୍କ ହୃଦୟକୁ ପ୍ରସ୍ତୁତ କରିଥିଲେ ।

ତାହାଙ୍କ ପୁତ୍ର ଜନ୍ମଗ୍ରହଣ କରୁଥିବା ଗୋଷ୍ଠୀର ସଂରକ୍ଷଣ ସଙ୍ଗେ, ସଦାପ୍ରଭୁ ପରମେଶ୍ୱର ଏହି ଜଗତକୁ ଖ୍ରୀଷ୍ଟଙ୍କ ସୁସମାଚାର ନିମନ୍ତେ ପ୍ରସ୍ତୁତ କରୁଥିଲେ । ଚତୁର୍ଥ ସାମ୍ରାଜ୍ୟ ଅର୍ଥାତ୍ ରୋମ ସାମ୍ରାଜ୍ୟ ସମୟରେ ତ୍ରାଣକର୍ତ୍ତା ଜନ୍ମ ଗ୍ରହଣ କରିବେ ବୋଲି ଛଅଶହ ବର୍ଷପୂର୍ବେ ଏକ ଭାବବାଦୀଙ୍କ ଦ୍ୱାରା ପ୍ରକଟ ହୋଇଥିଲା (ଦାନିଏଲ ୨:୪୪) । ତାହାଙ୍କ ରାଜ୍ୟର ସୁସମାଚାରର ବ୍ୟାପ୍ତି ନିମନ୍ତେ ପରମେଶ୍ୱର ରୋମ ସାମ୍ରାଜ୍ୟକୁ ଏକ ଅସ୍ତ୍ର ରୂପେ ବ୍ୟବହାର କରିଥିଲେ । ରୋମ ସାମ୍ରାଜ୍ୟର ରାଜୁତି ସମୟରେ ପଥ ଓ ବାଣିଜ୍ୟର ଯେତେ ଉନ୍ନତି ହୋଇଥିଲା, ତା'ପୂର୍ବେ କେବେ ହୋଇନଥିଲା । ଅନେକ ବର୍ଷ ପର୍ଯ୍ୟନ୍ତ ଶାନ୍ତି ଅନୁଭବ କରିବା ପ୍ରଜାମାନେ ଏକ ଦେଶରୁ ଅନ୍ୟଦେଶକୁ ଯାତ୍ରା କରିବାରେ ସୁଯୋଗ ପାଇଥିଲେ । ଏତଦ୍ୱାରା ତ୍ରାଣକର୍ତ୍ତାଙ୍କ ସମାଚାର ପ୍ରଚାର ଆହୁରି ସରଳ ହୋଇପାରିଥିଲା । ଏତଦ୍‌ବ୍ୟତୀତ, ଅନ୍ତଃଜାତୀୟ ଭାଷା **Keoine Greek** ଯାହାକି ଏକ ଅତ୍ୟୁନ୍ନତ ସ୍ୱଚ୍ଛ ଭାଷା ଥିଲା । ତାହା ଏହି ଯୁଗରେ ପ୍ରଚଳିତ ଥିଲା । ଏହି ଭାଷା

ସାହାଯ୍ୟରେ ସେହି ସମୟରେ ଜଗତକୁ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଭାବି ଜଗତର ମନୁଷ୍ୟମାନଙ୍କ ପରିତ୍ରାଣାର୍ଥେ ଲିପିବଦ୍ଧ ହୋଇଥିଲା । ତଦ୍ଵାରା ପୁସ୍ତକ ଲେଖିବା ସମୟ ଠାରୁ ଏବେ ପର୍ଯ୍ୟନ୍ତ ସେଥିରେ ଲିଖିତ ଭାଷାର ଭାବ ଅପରିବର୍ତ୍ତିତ ହୋଇ ରହିଅଛି । ଏତଦ୍ଵାରା ଏହି ପୁସ୍ତକକୁ ଅନ୍ୟାନ୍ୟ ଭାଷାରେ ଅନୁବାଦନ କରିବା ସରଳ ହୋଇଅଛି ।

ଜଗତର ସୃଷ୍ଟି ପୂର୍ବେ ମନୁଷ୍ୟର ପରିତ୍ରାଣ ଯୋଜନା ଯୋଜିତ ହୋଇ ତାହାଙ୍କ ଆଗମନର ପ୍ରାୟ ଚାରିଶହ ଭାବବାଣୀ ପ୍ରକଟିତ ହୋଇଥିଲା । ତାହାଙ୍କ ଜନ୍ମ, ତାହାଙ୍କ ଜୀବନ ଓ କ୍ରୁଶୀୟ ମୃତ୍ୟୁ ବିଷୟରେ ଅନେକ ବର୍ଷ ପୂର୍ବେ ଭାବବାଣୀ ଦ୍ଵାରା ପ୍ରକଟିତ ହୋଇଥିଲା । ତାହାଙ୍କ ବିଷୟକ ଭାବବାଣୀ ଓ ସେଗୁଡ଼ିକର ସଫଳତା ଆମ୍ଭମାନଙ୍କ ବିଶ୍ଵାସକୁ ଆହୁରି ସୁଦୃଢ଼ କରେ । ଏପରି ମହତ୍ତ୍ଵପୂର୍ଣ୍ଣ ଘଟଣା ଯାହା ମନୁଷ୍ୟର ଆତ୍ମାର ତ୍ରାଣଦାୟକ ତାହା ମନୁଷ୍ୟ ବିଶ୍ଵାସ କରିବାରେ ଗ୍ରହଣ କରିବାରେ  ଅସମତ ।

ଖ୍ରୀଷ୍ଟ, ଆଦ୍ୟରେ ପରମେଶ୍ଵରଙ୍କ ସହିତ ଥିଲେ । ସେ ମନୁଷ୍ୟ ଶରୀର ଧାରଣ କରି ଏହି ଜଗତରେ ଜନ୍ମ ଗ୍ରହଣ କଲେ । ତାହାଙ୍କ ଗର୍ଭଧାରିଣୀ ମାତାଙ୍କ ନାମ ମରିୟମ, କିନ୍ତୁ ତାହାଙ୍କର ଶାରୀରିକ ପିତା କେହି ନଥିଲେ, କାରଣ ସେ ପରମାତ୍ମା ଈଶ୍ଵରଙ୍କ ପୁତ୍ର ଥିଲେ ।

| ଭାବବାଣୀ | ସଫଳତା |
|---|---|
| "ଏହେତୁ, ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ; ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁଏଲ (ଆମ୍ଭମାନଙ୍କ ସହିତ ପରମେଶ୍ଵର) ରଖିବ।" (ଯିଶାଇୟ ୭:୧୪) | "ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଏହି ପ୍ରକାର ହେଲା । ତାହାଙ୍କ ମାତା ମରିୟମଙ୍କର ଯୋଶେଫଙ୍କ ସହିତ ବିବାହ ନିର୍ବନ୍ଧ ହେଲା ପରେ ସେମାନଙ୍କ ସହବାସ ପୂର୍ବେ ସେ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଅଛନ୍ତି ବୋଲି ଜଣା ପଡ଼ିଲା ।" (ମାଥିଉ ୧:୧୮, ୨୩) |

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ବେଥ୍ଲିହିମରେ ଜନ୍ମଗ୍ରହଣ କରିବେ ବୋଲି ଭାବବାଣୀ ଦ୍ଵାରା ବ୍ୟକ୍ତ ହୋଇଥିଲା । ଯଦିଓ ତାହାଙ୍କ ମାତା ମରିୟମ ଓ ଜାଗତିକ ପିତା ଯୋଶେଫ ନାଜରିତ ନଗରବାସୀ ଥିଲେ, ଆପଣା ପିତୃ ନଗରରେ ନାମ ଲେଖାଇବା ନିମନ୍ତେ କାଇସରଙ୍କ ଆଜ୍ଞାନୁଯାୟୀ ସେମାନେ ଯୀଶୁଙ୍କ ଜନ୍ମ ସମୟରେ ବେଥ୍ଲିହିମ୍‌ରେ ଥିଲେ । କାରଣ ଦାଉଦ ବଂଶଜ ଯୋଶେଫଙ୍କ ପୈତୃକ ସହର ବେଥ୍ଲିହିମ୍ ଥିଲା ।

| | |
|---|---|
| "ମାତ୍ର ହେ, ବେଥ୍ଲିହିମ୍-ଇଫ୍ରାଥା ଯୀହୂଦାର ସହସ୍ର ଗଣର ମଧ୍ୟରୁ କ୍ଷୁଦ୍ର ଯେ ତୁମ୍ଭେ, ତୁମ୍ଭ ମଧ୍ୟରୁ  ଇସ୍ରାଏଲର ଶାସନ କର୍ତ୍ତା ହେବା ନିମନ୍ତେ ଆମ୍ଭ ଉଦ୍ଦେଶ୍ୟରେ ଏକ ବ୍ୟକ୍ତି ଉତ୍ପନ୍ନ ହେବେ, ପୁରାତନ କାଳରୁ ଅନାଦି କାଳରୁ ତାହାଙ୍କର ଉତ୍ପତ୍ତି ।" (ମୀଖା ୫:୨) | "ହେରୋଦ ରାଜାଙ୍କ ସମୟରେ ଯିହୂଦା ପ୍ରଦେଶର ବେଥ୍ଲିହିମ୍‌ରେ ଯୀଶୁଙ୍କ ଜନ୍ମ ହେଲା ପରେ ଦେଖ, ପୂର୍ବ ଦେଶର କେତେକ ପଣ୍ଡିତ ଯିରୁଶାଲମକୁ ଆସି କହିଲେ....." (ମାଥିଉ ୨:୧-୬) |

ଇସ୍ରାଏଲର ନବ-ଜାତ ରାଜାଙ୍କୁ ବିନଷ୍ଟ କରିବା ନିମନ୍ତେ ହେରୋଦ ରାଜା, ବେଥଲିହିମ୍ ଚତୁର୍ଦ୍ଦିଗସ୍ଥ ନବ ଜନ୍ମିତ ଶିଶୁମାନଙ୍କ ହତ୍ୟାକରି ଯିରିମିୟ ୩୧:୧୫ ପଦରେ ଲିଖିତ ଇଶ୍ୱରଙ୍କ ଭବିଷ୍ୟତବାଣୀ ସଫଳ କରିଥିଲେ । "ଇତି ମଧ୍ୟରେ ହୋରୋଦ ପଣ୍ଡିତମାନଙ୍କ ଦ୍ୱାରା ଆପଣାକୁ ପ୍ରବଞ୍ଚିତ ହେବା ଦେଖି କ୍ରୋଧାନ୍ଧ ହୋଇଗଲେ ଆଉ ସେମାନଙ୍କ ନିକଟରୁ ସୂକ୍ଷ୍ମରୂପେ ଯେଉଁ ସମୟ ବୁଝିଥିଲେ, ତଦନୁସାରେ ଦୁଇବର୍ଷ ଓ ସେଥିରୁ ନ୍ୟୂନ ବୟସ୍କ ଯେତେ ବାଳକ ବେଥଲିହିମ୍‌ରେ, ପୁଣି ସେଥିର ସମସ୍ତ ସୀମା ମଧ୍ୟରେ ଥିଲେ, ଲୋକ ପଠାଇ ସେହି ସମସ୍ତଙ୍କୁ ବଧ କରାଇଲେ । ସେତେବେଳେ ଯିଶମିୟ ଭାବବାଦୀଙ୍କ ଦ୍ୱାରା ଉକ୍ତ ଏହି ବାକ୍ୟ ସଫଳ ହେଲା, ରାମାରେ ସ୍ୱର ଶୁଣାଗଲା, ରୋଦନ ଓ ଅତିଶୟ ବିଳାପ, ରାହେଲ, ଆପଣା ସନ୍ତାନମାନଙ୍କ ନିମନ୍ତେ ରୋଦନ କରୁଥିଲେ, ଆଉ ସେମାନେ ନାହାନ୍ତି ବୋଲି, ସେ ସାନ୍ତ୍ୱନାର କଥା ମାନିବାକୁ ଇଚ୍ଛା କରୁ ନଥିଲେ । (ମାଥିଉ ୨:୧୬-୧୮)

ଶିଶୁ ଯୀଶୁଙ୍କ ପ୍ରାଣରକ୍ଷା ନିମନ୍ତେ, ଯୋଶେଫ ତାଙ୍କୁ ମିଶର ଦେଶକୁ ନେବା ପାଇଁ ପ୍ରଭୁଙ୍କ ଦ୍ୱାରା ଆଜ୍ଞାପିତ ହୋଇଥିଲେ । "ଏଥିରେ ସେ ଉଠି ରାତ୍ରିରେ ଶିଶୁ ଓ ତାହାଙ୍କ ମାତାଙ୍କୁ ଘେନି ମିଶରକୁ ପଳାଇଗଲେ, ଆଉ ହେରୋଦଙ୍କ ମରଣ ପର୍ଯ୍ୟନ୍ତ ସେଠାରେ ରହିଲେ, ଯେପରି ଭାବବାଦୀମାନଙ୍କ ଦ୍ୱାରା ପ୍ରଭୁଙ୍କ ଉକ୍ତ ଏହି ବାକ୍ୟ ସଫଳ ହୁଏ, ମିଶରରୁ ଆମ୍ଭେ ଆପଣା ପୁତ୍ରଙ୍କୁ ଆହ୍ୱାନ କଲୁ ।" (ମାଥିଉ ୨:୧୪, ୧୫) ଏହି ଭାବବାଣୀ ହୋଶେୟ ୧୧:୧ ପଦରେ ପଢ଼ିପାରୁ ।

ଇଶ୍ୱରଙ୍କ ପୁତ୍ରଙ୍କ ବିନାଶ ନିମନ୍ତେ ଯିହୁଦୀ ତଥା ବିଜାତୀୟ ଉଭୟେ ମନ୍ତ୍ରଣା କରିବେ ବୋଲି ଗୀତସଂହିତା ୨ୟ ଅଧ୍ୟାୟରେ କୁହାଯାଇଅଛି । ଅନେକ ଆଶ୍ଚର୍ଯ୍ୟ କର୍ମ ଦ୍ୱାରା ପ୍ରଭୁ ଯୀଶୁ ତାହାଙ୍କ ଐଶ୍ୱରିକତ୍ୱ ପ୍ରମାଣ କଲେ ସୁଦ୍ଧା, ସେମାନଙ୍କ ଖ୍ରୀଷ୍ଟଙ୍କ ପ୍ରତି ଥିବା ଇର୍ଷା, ଘୃଣା ଭାବ (ଯୋହନ ୧୧:୪୭-୫୩) ପଦଗୁଡ଼ିକରେ ବର୍ଣ୍ଣନା ପାଇପାରୁ । "ସେଥିରେ ପ୍ରଧାନ ଯାଜକ ଓ ଫାରୁଶୀମାନେ ମହାସଭା ଆହ୍ୱାନ କରି କହିଲେ, ଆମ୍ଭେମାନେ କ'ଣ କରୁଅଛୁ ? ଏ ଲୋକ ତ ଅନେକ ଆଶ୍ଚର୍ଯ୍ୟ କର୍ମ କରୁଅଛି ? ଯଦି ଆମ୍ଭେମାନେ ଏହାକୁ ଏପରି ଛାଡ଼ି ଦେବା ତାହାହେଲେ ସମସ୍ତ ତାହାଠାରେ ବିଶ୍ୱାସ କରିବେ । ଆଉ ରୋମୀୟମାନେ ଆସି ଆମ୍ଭମାନଙ୍କର ଏହି ସ୍ଥାନ ଓ ଜାତି ଉଭୟଙ୍କୁ ବିନଷ୍ଟ କରିଦେବେ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ, ଅର୍ଥାତ୍ କୟାଫା ନାମକ ସେହି ବର୍ଷର ମହାଯାଜକ ସେମାନଙ୍କୁ  କହିଲେ ତୁମ୍ଭେମାନେ କିଛି ଜାଣ ନାହିଁ । ସମୁଦାୟ ଜାତି ବିନିଷ୍ଟ ନହୋଇ ଲୋକ ସାଧାରଣଙ୍କ ନିମନ୍ତେ ଜଣେ ଯେ ମରିବା ତୁମ୍ଭମାନଙ୍କ ପକ୍ଷରେ ମଙ୍ଗଳଜନକ  । ଏହା ମଧ୍ୟ ତୁମ୍ଭେମାନେ ବିଚାର କରୁ ନାହୁଁ । ସେ ଆପଣା ଠାରୁ ଏହା କହିଲେ ନାହିଁ । କିନ୍ତୁ ସେ ସେହି ବର୍ଷର ମହାଯାଜକ ଥିବାରୁ ଯୀଶୁ ସେ ଜାତି ନିମନ୍ତେ ଆଉ କେବଳ ସେହି ଜାତି ନିମନ୍ତେ ନୁହେଁ ମାତ୍ର ଇଶ୍ୱରଙ୍କ ଛିନ୍ନଭିନ୍ନ ସନ୍ତାନମାନଙ୍କୁ ମଧ୍ୟ ସଂଗ୍ରହ କରି ଏକ କରିବା ନିମନ୍ତେ ମୃତ୍ୟୁ ଭୋଗ କରିବାକୁ ଯାଉଅଛନ୍ତି ଏଥି ସକାଶେ ଏହି ଭାବବାଣୀ କହିଲେ । ତେଣୁ ସେହି ଦିନଠାରୁ ସେମାନେ ତାହାଙ୍କୁ ବଧ କରିବା ନିମନ୍ତେ ମନ୍ତ୍ରଣା କଲେ ।" (ଯୋହନ ୧୧:୪୭-୫୩)

ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷା ଗ୍ରହଣ କରି ସେମାନେ ତାହାଙ୍କୁ ରାଜା ରୂପେ ଅଭିଷିକ୍ତ କରିବାକୁ ଉଦ୍ୟତ ଥିଲେ ।

''ଗୋ ସିୟୋନ କନ୍ୟେ, ଅତିଶୟ ଉଲ୍ଲାସ କର, ଗୋ ଯିରୂଶାଲମ କନ୍ୟେ, ଜୟଧ୍ୱନୀ କର, ଦେଖ, ତୁମ୍ଭର ରାଜା ତୁମ୍ଭ ନିକଟକୁ ଆସୁ ଅଛନ୍ତି, ସେ ଧର୍ମମୟ ଓ ପରିତ୍ରାଣ ବିଶିଷ୍ଟ, ସେ ନମ୍ରଶୀଳ ଓ ଗର୍ଦ୍ଦଭ ଉପରେ ଅର୍ଥାତ୍, ଗର୍ଦ୍ଦଭୀର ଶାବକ ଉପରେ ଆରୋହଣ କରି ଆସୁଅଛନ୍ତି ।'' (ଜିଖରିୟ ୯:୯)

''ତହିଁ ଆରଦିନ ପର୍ବକୁ ଆସିଥିବା ବହୁ ସଂଖ୍ୟକ ଲୋକ ଯୀଶୁ ଯିରୁଶାଲମକୁ ଆସୁଅଛନ୍ତି ବୋଲି ଶୁଣି, ଖଜୁରୀ ବାହୁଙ୍ଗା ଘେନି ତାହାଙ୍କୁ ଭେଟିବା ନିମନ୍ତେ ବାହାରିଗଲେ ଓ ଉଚ୍ଚସ୍ୱରରେ କହିବାକୁ ଲାଗିଲେ, ହୋଶାନ୍ନା, ପ୍ରଭୁଙ୍କ ନାମରେ ଯେ ଆସୁଅଛନ୍ତି ସେ ଧନ୍ୟ, ଧନ୍ୟ ଇସ୍ରାଏଲର ରାଜା । ଆଉ ଯୀଶୁ ଗୋଟିଏ ଗର୍ଦ୍ଦଭ ଶାବକ ପାଇ ତାହା ଉପରେ ଆରୋହଣ କଲେ ଯେପରି ଲେଖାଅଛି, ଆଗୋ ସିୟୋନର କନ୍ୟା ଭୟ କରନାହିଁ, ଦେଖ ତୋହର ରାଜା ଆସୁଅଛନ୍ତି, ସେ ଗର୍ଦ୍ଦଭ ଶାବକ ଉପରେ ଆରୋହଣ କରି ଆସୁଅଛନ୍ତି । ତାହାଙ୍କ ଶିଷ୍ୟମାନେ ପ୍ରଥମେ ଏହି ସମସ୍ତ ବିଷୟ ବୁଝିଲେ ନାହିଁ, କିନ୍ତୁ ଯୀଶୁ ମହିମାନ୍ୱିତ ହେଲା ଉତ୍ତାରେ ଏ ସମସ୍ତ ବିଷୟ ଯେ ତାହାଙ୍କ ସମ୍ବନ୍ଧରେ ଲେଖାଯାଇଥିଲା, ପୁଣି ତାହାଙ୍କ ପ୍ରତି ସେମାନେ ଯେ ଏହିସବୁ କରିଥିଲେ, ତାହା ସେମାନଙ୍କ ମନରେ ପଡ଼ିଲା ।'' (ଯୋହନ ୧୨:୧୨-୧୬)

ସେ ଆପଣା ଏକ ଶିଷ୍ୟ ଦ୍ୱାରା ଶତ୍ରୁହସ୍ତରେ ସମର୍ପିତ ହେବାର ଭାବବାଣୀ ଗୀତ ୪:୯ ପଦରେ ଓ ସଫଳ ହେବାର ବିବରଣୀ ମାଥିଉ ୨୬:୧୫ ପଦରେ ପଢ଼ିପାରୁ । ବିଶ୍ୱାସ ଘାତକତାରେ ଅର୍ଜିତ ତିରିଶି ରୌପ୍ୟ ମୁଦ୍ରାରେ ସେମାନେ କ'ଣ କରିବେ ଓ କ'ଣ କରିଥିଲେ ଆମ୍ଭେମାନେ ଜିଖରିୟ ୧୧:୧୨, ୧୩ ଓ ମାଥିଉ ୨୬:୧୫ ଓ ମାର୍କ ୧୪:୧୦, ୨୧ ପଢ଼ିପାରୁ ।

ମନୁଷ୍ୟର ପରିତ୍ରାଣ ସକାଶେ ଆପଣା ପ୍ରାଣବଳୀ ଦେବା ନିମନ୍ତେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଏହି ଜଗତରେ ଜନ୍ମ ଗ୍ରହଣ କରିଥିଲେ । ମାନବ ସମାଜର କଲ୍ୟାଣ ନିମନ୍ତେ ନିର୍ଦ୍ଦିଷ୍ଟ ଏହି ବିଶିଷ୍ଟ ଘଟଣା ଅନେକ ଭାବବାଦୀମାନଙ୍କ ଦ୍ୱାରା ବିପୁଳ ଭାବେ ପ୍ରକଟ କରାଯାଇଥିଲା । ନିମ୍ନରେ ବର୍ଣ୍ଣିତ ଭାବବାଣୀ ଓ ସେଗୁଡ଼ିକର ସଫଳତାଗୁଡ଼ିକ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଐଶ୍ୱରିକତା ପ୍ରମାଣ ଦିଏ ।

## ତାଡ଼ନାକାରୀ ସମ୍ମୁଖରେ ତାହାଙ୍କ ନୀରବତା :

"ସେ ଉପଦ୍ରବ ଓ ବିଚାର ଦ୍ୱାରା ଦୂରୀକୃତ ହେଲେ; ଆଉ ସେ ଯେ ଜୀବିତ ଲୋକମାନଙ୍କ ଦେଶରୁ ଉଚ୍ଛିନ୍ନ ହେଲେ, ଏହା ତାହାଙ୍କ ସମୟର ଲୋକମାନଙ୍କ ମଧ୍ୟରୁ କିଏ ବିବେଚନା କଲା ? ଆମ୍ଭ ଲୋକମାନଙ୍କର ଅପରାଧ ନିମନ୍ତେ ସେ ପ୍ରହାରିତ ହେଲେ ।" (ଯିଶାଇୟ ୫୨:୭)

"ଆଉ ପ୍ରଧାନ ଯାଜକ ଓ ପ୍ରାଚୀନ ବର୍ଗ ତାହାଙ୍କ ବିରୁଦ୍ଧରେ ଅଭିଯୋଗ କରନ୍ତେ, ସେ କୌଣସି ଉତ୍ତର ଦେଲେ ନାହିଁ, ସେଥିରେ ପୀଲାତ ତାହାଙ୍କୁ କହିଲେ, ଏମାନେ ତୁମ୍ଭ ବିରୁଦ୍ଧରେ କେତେ ସାକ୍ଷ୍ୟ ଦେଉଅଛନ୍ତି, ତାହା କି ଶୁଣୁ ନାହଁ ? ମାତ୍ର ସେ ତାହାଙ୍କୁ ଗୋଟିଏ କଥାରେ ହିଁ ପଦେ ହେଲେ ଉତ୍ତର ଦେଲେ ନାହିଁ । ସେଥିରେ ଶାସନକର୍ତ୍ତା ଅତ୍ୟନ୍ତ ଚମତ୍କୃତ ହେଲେ । (ଯିଶାଇୟ ୨୭:୧୨-୧୪)

## ତାହାଙ୍କ ଯାତନା :

"ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନାସବୁ ଧାରଣ କରି ଅଛନ୍ତି ଓ ଆମ୍ଭମାନଙ୍କର ବ୍ୟଥାସବୁ ବହିଅଛନ୍ତି, ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ । ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ । ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ । ଆମ୍ଭେମାନେ ସମସ୍ତେ ମେଷଗଣ ତୁଲ୍ୟ ବିପଥଗାମୀ ହୋଇଅଛୁ । ଆମ୍ଭେମାନେ ପ୍ରତ୍ୟେକେ ଆପଣା ଆପଣା ବାଟଆଡ଼େ ଫେରିଅଛୁ । ଆଉ ସଦାପ୍ରଭୁ ଆମ୍ଭସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇ ଅଛନ୍ତି ।" (ଯିଶାଇୟ ୫୩:୪:୬)

"ଯେଣୁ ଆମ୍ଭମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଖ୍ରୀଷ୍ଟ ମଧ୍ୟ ଧାର୍ମିକ ହୋଇ ଅଧାର୍ମିକ ମାନଙ୍କ ନିମନ୍ତେ ପାପ ହେତୁ ଥରେ ମୃତ୍ୟୁ ଭୋଗ କଲେ । ସେ ଶରୀରରେ ମୃତ୍ୟୁ ଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ ।" (୧ମ ପିତର ୩:୧୮)

## ଅଧାର୍ମିକମାନଙ୍କ ସହିତ ମୃତ୍ୟୁ ଭୋଗିଲେ :

"ପୁଣି ସେ କୌଣସି ଦୌରାତ୍ମ୍ୟ ନକଲେ ହେଁ ଓ ତାହାଙ୍କ ମୁଖରେ କୌଣସି ଛଳ ନଥିଲେ ହେଁ ଲୋକମାନେ ଦୁଷ୍ଟଗଣର ସହିତ ତାହାଙ୍କର କବର ନିରୂପଣ କଲେ ଓ ମୃତ୍ୟୁରେ ସେ ଧନବାନର ସଙ୍ଗୀ ହେଲେ । ତଥାପି ତାହାଙ୍କୁ ଚୂର୍ଣ୍ଣ କରିବାକୁ ସଦାପ୍ରଭୁଙ୍କର ଅଭିମତ ହେଲା । ସେ ତାହାଙ୍କୁ ଦୁଃଖଗ୍ରସ୍ତ କରିଅଛନ୍ତି , ତୁମ୍ଭେ ତାହାଙ୍କ ପ୍ରାଣକୁ ପାପାର୍ଥକ ବଳି କଲେ, ସେ ଆପଣା ବଂଶ ଦେଖିବେ, ସେ ଦୀର୍ଘାୟୁ ହେବେ ଓ ତାହାଙ୍କ ହସ୍ତରେ ସଦାପ୍ରଭୁଙ୍କ ଇଷ୍ଟ ସିଦ୍ଧ ହେବ । ସେ ଆପଣା ପ୍ରାଣ ବେଦନାର ଫଳ ଦେଖି ତୃପ୍ତ ହେବେ, ଆମ୍ଭର ଧାର୍ମିକ ଦାସ ଆପଣାର ଜ୍ଞାନ ଦ୍ୱାରା ଅନେକଙ୍କୁ ଧାର୍ମିକ କରିବେ ଓ ସେ ଆମ୍ଭମାନଙ୍କର ଅପରାଧ ବହିବେ । ଏହେତୁ ଆମ୍ଭେ ମହତ୍ତ୍ୱମାନଙ୍କ ମଧ୍ୟରେ ତାହାଙ୍କୁ ଅଂଶ ଦେବା ଓ ସେ ପରାକ୍ରମୀମାନଙ୍କ ସଙ୍ଗେ ଲୁଟ ବିଭାଗ କରି ନେବେ କାରଣ ସେ ମୃତ୍ୟୁମୁଖରେ ଆପଣା ପ୍ରାଣ ଢ଼ାଳିଦେଲେ ଓ ଅଧାର୍ମିକମାନଙ୍କ ସହିତ ଗଣିତ ହେଲେ, ତଥାପି ସେ ଅନେକଙ୍କର ପାପଭାର ବହିଲେ ଓ ଅଧାର୍ମିକମାନଙ୍କ ନିମନ୍ତେ ପ୍ରାର୍ଥନା କଲେ ।"
(ଯିଶାଇୟ ୫୩:୯-୧୨)

"ଆଉ କ୍ରୁଶରେ ଚଢ଼ାଯାଇଥିବା ଦୁଷ୍କର୍ମକାରୀମାନଙ୍କ ମଧ୍ୟରୁ ଜଣେ ତାହାଙ୍କୁ ନିନ୍ଦା କରି କହିବାକୁ ଲାଗିଲା । ତୁ କ'ଣ ଖ୍ରୀଷ୍ଟ ନୋହୁଁ ? ନିଜକୁ ଓ ଆମ୍ଭ ମାନଙ୍କୁ ରକ୍ଷା କର । କିନ୍ତୁ ଅନ୍ୟ ଜଣକ ତାହାକୁ ଧମକ ଦେଇ ଉତ୍ତର ଦେଲା, ତୁ ସମାନ ଦଣ୍ଡ ତ ପାଉଛୁ । ତୁ ଈଶ୍ୱରଙ୍କୁ କ'ଣ ଭୟ ମଧ୍ୟ କରୁନାହୁଁ ? ଆଉ ଆମ୍ଭେମାନେ ସିନା ନ୍ୟାୟଭାବରେ ଦଣ୍ଡ ଭୋଗୁଅଛୁ, କାରଣ ଆମ୍ଭେମାନେ ନିଜ ନିଜ କର୍ମର ସମୁଚିତ ଫଳ ପାଉଅଛୁ, କିନ୍ତୁ ଏହି ବ୍ୟକ୍ତି କୌଣସି ଦୋଷ କରି ନାହାନ୍ତି । ପୁଣି ସେ କହିଲା, ହେ ଯୀଶୁ ଆପଣା ନିଜ ରାଜ୍ୟରେ ପ୍ରବେଶ କଲେ ମୋତେ ସ୍ମରଣ କରିବେ । ସେଥିରେ ସେ ତାହାକୁ କହିଲେ, ମୁଁ ତୁମ୍ଭକୁ ସତ୍ୟ କହୁଅଛି ଆଜି ତୁମ୍ଭେ ମୋହର ସହିତ ପାରଦୀଶରେ ଉପସ୍ଥିତ ହେବ ।"
(ଲୂକ ୨୩:୩୯-୪୩)

## ପାଦ ଓ ହସ୍ତ ବିକ୍ଷତ :

"ମୁଁ ଜଳ ପରି ଢ଼ଳା ହେଉଅଛି ଓ ମୋହର ସବୁ ଅସ୍ଥି ସନ୍ଧିରୁ ଖସି ପଡୁଅଛି । ମୋହର ହୃଦୟ ମହମ ପରି ହୋଇଅଛି । ତାହା ମୋ ଅନ୍ତ ମଧ୍ୟରେ ତରଳି ଯାଏ । ମୋହର ବଳ ଖପରା ପରି ଶୁଷ୍କ ହୋଇଅଛି । ଆଉ ମୋହର ଜିହ୍ୱା

"ଅତଏବ, ଅନ୍ୟ ଶିଷ୍ୟମାନେ ତାଙ୍କୁ କହିଲେ, ଆମ୍ଭେମାନେ ପ୍ରଭୁଙ୍କୁ ଦେଖିଅଛୁ । କିନ୍ତୁ ସେ ସେମାନଙ୍କୁ କହିଲେ, ତାହାଙ୍କ ହାତରେ କଣ୍ଟାର ଚିହ୍ନସବୁ ନ ଦେଖିଲେ ଓ ସେହି ସ୍ଥାନରେ ମୋହର ଆଙ୍ଗୁଳି ନଦେଲେ

ତାଳୁରେ ଲାଗିଯାଉଅଛି, ପୁଣି ତୁମ୍ଭେ ମୋହର ମୃତ୍ୟୁର ଧୂଳିକି ଆଣିଅଛ । କାରଣ କୁକୁରମାନେ ମୋତେ ବେଷ୍ଟନ କରିଅଛନ୍ତି, ଦୂରାଚାରୀମାନଙ୍କ ମଣ୍ଡଳୀ ମୋତେ ବେଢ଼ିଅଛନ୍ତି, ସେମାନେ ମୋହର ହସ୍ତପାଦ ବିଦ୍ଧ କରିଅଛନ୍ତି ।'' (ଗୀତ ୨୨:୧୪-୧୬)

ଏବଂ ତାହାଙ୍କ କକ୍ଷଦେଶରେ ମୋହର ହାତ ନଦେଲେ ମୁଁ କଦାପି ବିଶ୍ୱାସ କରିବି ନାହିଁ । ...... ପରେ ସେ ଥୋମାଙ୍କୁ କହିଲେ, ଏଆଡ଼େ ତୁମ୍ଭର ଆଙ୍ଗୁଳି ବଢ଼ାଇ ମୋହର ହାତ ଦେଖ ଓ ହାତ ବଢ଼ାଇ ମୋହର ବକ୍ଷଦେଶରେ ଦିଅ, ଅବିଶ୍ୱାସୀ ନ ହୋଇ ବିଶ୍ୱାସୀ ହୁଅ । '' (ଯୋହନ ୨୦:୨୫, ୨୭)

**ପରିହାସ ପାତ୍ର :**

''ମାତ୍ର ମୁଁ କୀଟ, ମନୁଷ୍ୟ ନୁହେଁ । ମନୁଷ୍ୟମାନଙ୍କର ନିନ୍ଦାପାତ୍ର ଓ ଲୋକମାନଙ୍କର ଅବଜ୍ଞାତ । ମୋତେ ଦେଖିବା ଲୋକ ସମସ୍ତେ ମୋତେ ପରିହାସ କରନ୍ତି, ସେମାନେ ଓଷ୍ଠ ଲମ୍ବାଇ, ମସ୍ତକ ହଲାଇ କହନ୍ତି, ସଦାପ୍ରଭୁଙ୍କ ଠାରେ ସେ ଆପଣାକୁ ସମର୍ପଣ କଲା, ସେ ତାହାକୁ ଉଦ୍ଧାର କରନ୍ତୁ, ସେ ତାହାଙ୍କ ଠାରେ ସନ୍ତୁଷ୍ଟ, ତେଣୁ ସେ ତାହାକୁ ଉଦ୍ଧାର କରନ୍ତୁ ।'' (ଗୀତ ୨୨:୬-୮)

''ଆଉ,ସେହି ବାଟ ଦେଇ ଯାଉଥିବା ଲୋକମାନେ ଆପଣା ଆପଣା ମୁଖ ହଲାଇ ତାହାଙ୍କର ନିନ୍ଦା କରି କହିବାକୁ ଲାଗିଲେ,.... ..... ସେ ଈଶ୍ୱରଙ୍କ ଉପରେ ନିର୍ଭର କରେ ସେ ଯଦି ତାହାଠାରେ ସନ୍ତୁଷ୍ଟ, ତାହା ହେଲେ ଏହିକ୍ଷଣି ତାହାକୁ ରକ୍ଷା କରନ୍ତୁ । ସେ ତ କହିଥିଲା । ମୁଁ ଈଶ୍ୱରଙ୍କ ପୁତ୍ର ।'' (ମାଥିଉ ୩୪:୩୮)

**ବିଭାଜିତ ତାହାଙ୍କ ବସ୍ତ୍ର :**

''ସେମାନେ ଆପଣାମାନଙ୍କ ମଧ୍ୟରେ ମୋହର ବସ୍ତ୍ର ବିଭାଗ କରନ୍ତି ଓ ସେମାନେ ମୋ ଉତ୍ତରୀୟ ବସ୍ତ୍ର ପାଇଁ ଗୁଲିବାଣ୍ଟି କରନ୍ତି ।'' (ଗୀତ ୨୨:୧୮)

''ତେଣୁ ସେମାନେ ପରସ୍ପର କହିଲେ, ଏହାକୁ ଚିରିବା ନାହିଁ, କିନ୍ତୁ ଏହା କାହାର ହେବ, ସେଥିପାଇଁ ଗୁଲିବାଣ୍ଟ କରିବା, ଯେପରି ଧର୍ମଶାସ୍ତ୍ରର ଏହି ବାକ୍ୟ ସଫଳ ହୁଏ ସେମାନେ ଆପଣା ଆପଣା ମଧ୍ୟରେ ମୋର ବସ୍ତ୍ର ଭାଗ କଲେ, ପୁଣି ମୋହର ଅଙ୍ଗରଖା ନିମନ୍ତେ ଗୁଲିବାଣ୍ଟ କଲେ ।'' (ଯୋହନ ୧୯:୨୪)

**ତୃଷା ନିବାରଣ ନିମନ୍ତେ ଅମ୍ଳରସ ପିଇଲେ :**

''ଆହୁରି, ସେମାନେ ଖାଦ୍ୟ ନିମନ୍ତେ ମୋତେ ବିଷମୟ ଦ୍ରବ୍ୟ ଦେଲେ, ମୋହର ତୃଷା ସମୟରେ ପାନ କରିବା ପାଇଁ ମୋତେ ଅମ୍ଳରସ ଦେଲେ ।'' (ଗୀତ ୬୯:୨୧)

''ତାହାକୁ ପିତ୍ତ ମିଶ୍ରିତ ଦ୍ରାକ୍ଷାରସ ପାନ କରିବାକୁ ଦେଲେ, ମାତ୍ର ସେ ତାହା ଆସ୍ୱାଦନ କରି ପାନ କରିବାକୁ ଇଚ୍ଛା କଲେ ନାହିଁ....... ଆଉ ସେମାନଙ୍କ ମଧ୍ୟରୁ ଜଣେ ଦୌଡ଼ିଯାଇ

ଗୋଟିଏ ସ୍ପଞ୍ଜ ଘେନି ତାହା ଅମ୍ଳରସରେ ପୂର୍ଣ୍ଣ କଲା, ଆଉ ତାହା ଖଣ୍ଡିଏ ନଳରେ ଲଗାଇ ତାହାଙ୍କୁ ପାନ କରିବାକୁ ଦେଲା ।'' (ମାଥିଉ ୨୭:୩୪. ୪୮)

## ଧନବାନମାନଙ୍କ ସହିତ ସମାଧି ପାଇଲେ :

''ପୁଣି ସେ କୌଣସି ଦୌରାତ୍ମ୍ୟ ନ କଲେ ହେଁ ଓ ତାହାଙ୍କ ମୁଖରେ କୌଣସି ଛଳ ନଥିଲେ ହେଁ, ଲୋକମାନେ ଦୁଷ୍ଟଗଣ ସହିତ ତାହାଙ୍କର କବର ନିରୂପଣ କଲେ ଓ ମୃତ୍ୟୁରେ ଧନବାନର ସଙ୍ଗୀ ହେଲେ ।'' (ଯିଶାଇୟ ୫୩:୯)

''ବେଳ ଗଡ଼ି ଆସନ୍ତେ, ଯୋଶେଫ ନାମକ ହରାମଥିଯାର ଜଣେ ଧନୀ ଲୋକ ଥିଲେ, ସେ ମଧ୍ୟ ଯୀଶୁଙ୍କର ଜଣେ ଶିଷ୍ୟ ଥିଲେ । ସେ ପୀଲାତ ନିକଟକୁ ଯାଇ ଯୀଶୁଙ୍କ ଶରୀର ମାଗିଲେ । ସେଥିରେ ପିଲାତ ତାହା ଦେବାକୁ ଆଜ୍ଞା ଦେଲେ । ଯୋଶେଫ ଶରୀରଟି ଘେନି ପରିଷ୍କୃତ ସୂକ୍ଷ୍ମ ବସ୍ତ୍ରରେ ଗୁଡ଼ାଇ, ଆପଣାର ଯେଉଁ ନୂତନ ସମାଧି ପାହାଡ଼ରେ ଖୋଳିଥିଲେ, ସେଥିମଧ୍ୟରେ ତାହା ଥୋଇଲେ; ଆଉ ସମାଧି ଦ୍ୱାରରେ ଖଣ୍ଡିଏ ବଡ଼ ପଥର ଗଡ଼ାଇ ଦେଇ ଚାଲିଗଲେ ।'' (ମାଥିଉ ୨୭:୫୭-୬୦)

## ତାହାଙ୍କ ପୁନଃରୁଥାନ :

''କାରଣ ତୁମେ ମୋ ପ୍ରାଣ ପାତାଳରେ ପରିତ୍ୟାଗ କରିବ ନାହିଁ, କିମ୍ବା ତୁମ୍ଭେ ଆପଣା ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବ ନାହିଁ ।'' (ଗୀତ ୧୬:୧୦)

''ମହାଶୟ, ଆମ୍ଭମାନଙ୍କର ମନେ ପଡୁଅଛି, ସେହି ପ୍ରବଞ୍ଚକ ଜୀବିତ ଥିବା ସମୟରେ କହିଥିଲା, ତିନି ଦିନ ଉତାରେ ମୁଁ ଉଠିବି..... ସେ ଏଠାରେ ନାହାନ୍ତି କାରଣ ସେ ଯେପରି କହିଥିଲେ, ସେହିପରି ଉଠିଅଛନ୍ତି, ଆସ, ସେ ଯେଉଁଠାରେ ଶୋଇଥିଲେ, ସେହି ସ୍ଥାନ ଦେଖ ।'' (ମାଥିଉ ୨୭:୬୩, ୨୮:୬)

## ତାହାଙ୍କ ପ୍ରସ୍ଥାନ :

''ମୁଁ ରାତ୍ରିକାଳରେ ଦର୍ଶନରେ ଦେଖିଲି, ଆଉ ଦେଖ, ମନୁଷ୍ୟପୁତ୍ର ନ୍ୟାୟ ଏକ ପୁରୁଷ ଆକାଶର ମେଘରେ ଆସିଲେ ଓ ସେ ଅନେକ କାଳର ସେହି ବୃଦ୍ଧଙ୍କ ନିକଟରେ

''ସେ ଏହି ସମସ୍ତ କଥା କହିବା ଉତାରେ ସେମାନେ ଦେଖୁ ଦେଖୁ ସେ ଉର୍ଦ୍ଧ୍ୱକୁ ନୀତ ହେଲେ ଆଉ ଖଣ୍ଡେ ମେଘ ତାହାଙ୍କୁ ସେମାନଙ୍କ ଦୃଷ୍ଟିଗୋଚରରୁ ଘେନିଗଲା ।''(ପ୍ରେରିତ ୧:୯)

ଉପସ୍ଥିତ ହୁଅନ୍ତେ, ସେମାନେ ତାହାଙ୍କ ଛାମୁକୁ ତାହାଙ୍କୁ ଆଣିଲେ, ପୁଣି ସମୁଦାୟ ଗୋଷ୍ଠୀ ଦେଶବାସୀ ଓ ଭାଷାବାଦୀମାନେ ଯେପରି ତାହାଙ୍କର ସେବା କରିବେ ଏଥିପାଇଁ ତାହାଙ୍କୁ କର୍ତ୍ତବ୍ୟ, ମହିମା ଓ ରାଜ୍ୟ ଦତ୍ତ ହେଲା; ତାହାଙ୍କ କର୍ତ୍ତୃତ୍ୱ ଅନନ୍ତକାଳୀନ କର୍ତ୍ତୃତ୍ୱ, ତାହା ଲୁପ୍ତ ହେବ ନାହିଁ, ଆଉ ତାହାଙ୍କର ରାଜ୍ୟ ଅବିନାଶ୍ୟ ।''
(ଦାନିୟେଲ ୭:୧୩. ୧୪)

ଏହିପରି ଅନେକ ଖ୍ରୀଷ୍ଟଙ୍କ ବିଷୟକ ଭାବବାଣୀ ଓ ସେଗୁଡ଼ିକର ସଫଳତା ବିଷୟରେ ବାଇବଲରେ ପଢ଼ିପାରୁ । ବେଥ୍‌ଲିହିମ୍‌ରେ ଜନ୍ମଗ୍ରହଣ କିମ୍ବା ମିଶରରେ ପ୍ରତିପାଳନ ତାହାଙ୍କ ବଂଶରେ ନଥିଲା । ଧାର୍ମିକତାର ଶିକ୍ଷକ ନିଜେ ତିରିଶଟି ରୌପ୍ୟ ମୁଦ୍ରା ନିମନ୍ତେ ବିକ୍ରିତ ହେବା ନିମନ୍ତେ ଯୋଜନା କରିନଥିଲେ । ତାହାଙ୍କ କ୍ଳେଶ, ଯାତନା, ମୃତ୍ୟୁ ତାହାଙ୍କ ସ୍ୱଯୋଜନା ହେବା ଅସମ୍ଭବ । ତାହାଙ୍କ ମୃତ୍ୟୁପରେ ଯୋଶେଫଙ୍କ ସମାଧିରେ ସମାଧିପ୍ରାପ୍ତ ହେବା ତାହାଙ୍କ ଦକ୍ଷତାର ବାହାରେ । ତାହାଙ୍କ ଜୀବନ କାହାଣୀ ଅନେକ ବର୍ଷ ପୂର୍ବେ ପବିତ୍ର ଭାବବାଦୀମାନଙ୍କ ଦ୍ୱାରା ପିତା ପରମେଶ୍ୱରଙ୍କ ଦ୍ୱାରା ପ୍ରକଟିତ ହୋଇଥିଲା । ସେହି ଦୈବବାଣୀଗୁଡ଼ିକ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଜୀବନରେ ସଫଳ ହୋଇଥିଲା । ଉପରୋକ୍ତ କାରଣଗୁଡ଼ିକରୁ ଯୀଶୁ ଯେ ଈଶ୍ୱରଙ୍କ ପୁତ୍ର ଏହା ସ୍ୱପ୍ରମାଣିତ ହୁଏ । ତାହାଙ୍କ ପୁତ୍ର ଦ୍ୱାରା ମନୁଷ୍ୟର ପରିତ୍ରାଣ ସମ୍ଭବପର ହୋଇଅଛି ।

(J.C. Choate)

# ଈଶ୍ୱରଙ୍କ ରାଜ୍ୟ
## (The Kingdom of God)

"ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ । ଏପରି ପ୍ରାର୍ଥନା କରିବା ନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟ ପର୍ବତୋପଦେଶରେ ସେଠାରେ ଉପସ୍ଥିତ ଜନତାଙ୍କୁ ଶିକ୍ଷା ଦେଇଥିଲେ । ଏହାର ଅନେକ ବର୍ଷ ପରେ ଶମୀରୋଣୀୟମାନଙ୍କ ପରିବର୍ତ୍ତନର କାହାଣୀ ବର୍ଣ୍ଣନା କରି ଲୁକ ଲେଖନ୍ତି, କିନ୍ତୁ ଫିଲିପପ୍ ଈଶ୍ୱରଙ୍କ ରାଜ୍ୟ ଓ ଯୀଶୁଖ୍ରୀଷ୍ଟଙ୍କ ନାମରେ ବିଷୟକ ସୁସମାଚାର ପ୍ରଚାର କରିବାକୁ ସେମାନେ ଯେତେବେଳେ ତାଙ୍କ କଥାରେ ବିଶ୍ୱାସ କଲେ, ସେତେବେଳେ ପୁରୁଷ ଓ ସ୍ତ୍ରୀ ଉଭୟ ବାପ୍ତିଜିତ ହେବାକୁ ଲାଗିଲେ ।" (ପ୍ରେରିତ ୮:୧୨)

ଏହି ଦୁଇ ଘଟଣାର ମଧ୍ୟବର୍ତ୍ତୀ ସମୟରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହୋଇଥିଲା । ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନାର ଉତ୍ତାରେ ଏହି ପୃଥିବୀରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହୋଇଥିଲା ଏବଂ ଏବେ ପର୍ଯ୍ୟନ୍ତ ପୃଥିବୀରେ ରାଜତ୍ୱ କରୁଅଛି । ଯୁଗାନ୍ତ ସମୟରେ ପ୍ରଭୁ ଯୀଶୁ ଏହି ରାଜ୍ୟ ଆପଣା ପିତାଙ୍କୁ ସମର୍ପଣ କରିବେ ବୋଲି ୧ମ କରିନ୍ଥୀ ୧୫:୨୪ ପଦରେ ପଢ଼ିଥାଉଁ । ତେବେ ଏହି ରାଜ୍ୟ କିପରି ଏବଂ କେବେ ଏହି ଜଗତରେ ସ୍ଥାପିତ ହୋଇଥିଲା ?

ଏହି ପ୍ରଶ୍ନର ଉତ୍ତର ଜାଣିବା ନିମନ୍ତେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ରାଜ୍ୟର ତିନିଟି ସ୍ଥିତି ବିଷୟରେ ଜାଣିବା (୧) ଭବିଷ୍ୟଦ୍‌ବାଣୀ ଦ୍ୱାରା ପ୍ରକଟିତ ଈଶ୍ୱରଙ୍କ ରାଜ୍ୟ :- ଇସ୍ରାଏଲର ରାଜା ଦାଉଦଙ୍କ ରାଜୁତି ସମୟରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହେବାର ଭବିଷ୍ୟଦ୍‌ବାଣୀ ୧ମ ରାଜାବଳି ୨୨:୧୯ ପଦରେ ପଢ଼ିଥାଉଁ । ସଦା ପ୍ରଭୁ ସ୍ୱର୍ଗରେଆପଣା ସିଂହାସନ ସ୍ଥାପନ କରିଅଛନ୍ତି, ପୁଣି ତାହାଙ୍କ ରାଜ୍ୟ ସମସ୍ତଙ୍କ ଉପରେ କର୍ତ୍ତୃତ୍ୱ କରେ । (ଗୀତ ୧୦୩ : ୧୯) ଯିଶାଇୟ ୬୬:୧ ଓ ଜିଖରିୟ ୬:୧୩ ମଧ୍ୟ ଏହି ବାକ୍ୟ ସମର୍ଥନ କରେ ।

ଯିଶାଇୟ ୨:୨-୩ ପଦଗୁଡ଼ିକ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହେବାର ଭବିଷ୍ୟଦ୍‌ବାଣୀ ଯିଶାଇୟ ପ୍ରକଟ କରିବା ବିଷୟ ପଢ଼ିଥାଉଁ । ସର୍ବ ଜଗତରେ, ସମସ୍ତ ଜାତି ନିକଟରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ନିମନ୍ତେ ପ୍ରତିଷ୍ଠିତ ଏହି ରାଜ୍ୟ ଯିରୁଶାଲମରେ ସ୍ଥାପିତ ହେବ ବୋଲି ଯିଶାଇୟ ଉପରୋକ୍ତ ପଦଗୁଡ଼ିକରେ ପ୍ରକଟ କରିଥିଲେ ।

ଖ୍ରୀଷ୍ଟ ଜନ୍ମର ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଦାନିୟେଲ ଭବିଷ୍ୟଦ୍‌ବାଣୀ ପ୍ରକଟ କରିଥିଲେ । ଚତୁର୍ଥ ରାଜ୍ୟର ରାଜୁତି ସମୟରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହେବ ବୋଲି ଦାନିୟେଲ, ରାଜା ନବଖଦନତ୍ସରଙ୍କ ସ୍ୱପ୍ନର ଭାବ ପ୍ରକାଶ କରିଥିଲେ ।

(୨) **ଈଶ୍ୱରଙ୍କ ରାଜ୍ୟର ପ୍ରସ୍ତୁତିକରଣ :** "ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ....." (ମାର୍କ ୧:୧) ଏହି ବାକ୍ୟ ଦ୍ୱାରା ବାପ୍ତିଜିତ ଯୋହନ ଆପଣା ପ୍ରଚାର ସେବା ଆରମ୍ଭ

କରିଥିଲେ । ଏହି ସମ୍ବାଦ ସହିତ ପ୍ରଭୁ ଯୀଶୁ ଆପଣା ଶିଷ୍ୟମାନଙ୍କୁ ଇସ୍ରାଏଲର ଗ୍ରାମଗୁଡ଼ିକରେ ପ୍ରେରଣ କରିଥିଲେ (ମାଥିଉ ୧୦:୫-୭) ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ସେବା ସମାପ୍ତି ହେବା ପୂର୍ବେ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହୋଇନଥିଲା । ପାପୀମାନେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରନ୍ତି ନାହିଁ । (ରୋମୀୟ ୩:୨୩) । ମନୁଷ୍ୟର ପାପକ୍ଷମା ନିମନ୍ତେ ପ୍ରଭୁଯୀଶୁଖ୍ରୀଷ୍ଟ ଆପଣା ରକ୍ତ କ୍ରୁଶ ଉପରେ ଢ଼ାଳି ଦେଇଥିଲେ । ତାହାଙ୍କ ବାକ୍ୟରେ ବିଶ୍ୱାସ କରି, ତାହାଙ୍କ ଆଜ୍ଞାବହ ହୋଇ ଆମ୍ଭେମାନେ ସେହି, ରାଜ୍ୟରେ ପ୍ରବେଶ କରିପାରିବା । ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ ସେ ଆମ୍ଭମାନଙ୍କ ନିମନ୍ତେ ପଥ ପ୍ରସ୍ତୁତ କରିଅଛନ୍ତି ।

(୩) **ଈଶ୍ୱରଙ୍କ ରାଜ୍ୟର ସଂସ୍ଥାପନ :** ପ୍ରେରିତ ୨ୟ ଅଧ୍ୟାୟରେ ଈଶ୍ୱରଙ୍କ ରାଜ୍ୟ ଏହି ପୃଥିବୀରେ ସଂସ୍ଥାପିତ ହେବାର ବିବରଣ ଲିଖିତ ହୋଇଅଛି । ଊର୍ଦ୍ଧ୍ୱରୁ ଶକ୍ତି ହେବା ପର୍ଯ୍ୟନ୍ତ ଯିରୁଶାଲମରେ ଅପେକ୍ଷା କରିବା ନିମନ୍ତେ ପ୍ରଭୁଯୀଶୁ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇଥିଲେ (ପ୍ରେରିତ ୧:୬-୮) ଶକ୍ତିପ୍ରାପ୍ତ ହୋଇ ସେମାନେ ସର୍ବ ଜଗତରେ ସର୍ବ ସୃଷ୍ଟି ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ଆଜ୍ଞାପ୍ରାପ୍ତ ହୋଇଥିଲେ । ପ୍ରେରିତମାନେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବା ଏବଂ ପିତର ଈଶ୍ୱରଙ୍କ ରାଜ୍ୟର ପ୍ରଥମ ପ୍ରସଙ୍ଗ କରିଥିବା ଘଟଣା ଆମ୍ଭେମାନେ ପ୍ରେରିତ ୨ୟ ଅଧ୍ୟାୟରେ ପଢ଼ିଥାଉଁ । ଈଶ୍ୱର , ଯୀଶୁଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ, ଦାଉଦଙ୍କ ସିଂହାସନରେ ଉପବିଷ୍ଟ କରିଅଛନ୍ତି ଓ ସେ ଏବେ ରାଜତ୍ୱ କରୁଅଛନ୍ତି ବୋଲି ପିତର ଉପସ୍ଥିତ ଜନତାଙ୍କୁ ଜ୍ଞାତ କରାଇଥିଲେ । (ପ୍ରେରିତ ୨:୨୫-୩୩)

ପିତରଙ୍କ ପ୍ରସଙ୍ଗ ଦ୍ୱାରା ସେଦିନ ତିନି ସହସ୍ର ଲୋକ ମନ ପରିବର୍ତ୍ତନ କରି ବାପ୍ତିଜିତ ହୋଇଥିଲେ ଏବଂ ମଣ୍ଡଳୀରେ ସଂପୃକ୍ତ ହୋଇଥିଲେ (ପ୍ରେରିତ ୨:୪୧, ୪୭) । ସେହି ସମୟ ଠାରୁ ଈଶ୍ୱରଙ୍କ ରାଜ୍ୟର ଅସ୍ତିତ୍ୱ ଥିବା ବିଷୟ ବାକ୍ୟରେ ପଢ଼ିଥାଉଁ କଲସୀ ୧:୧୩ ପଦରେ ଖ୍ରୀଷ୍ଟିୟାନମାନେ ଅନ୍ଧକାର ରାଜ୍ୟର କ୍ଷମତାରୁ ଈଶ୍ୱରଙ୍କ ରାଜ୍ୟକୁ ସ୍ଥାନାନ୍ତରିତ ହୋଇଅଛନ୍ତି ବୋଲି ପାଉଲ କହିଅଛନ୍ତି । ଯୋହନଙ୍କ ଭାଷାରେ,... "... ... .. ପୁଣି ସେ ଆମ୍ଭମାନଙ୍କୁ ଗୋଟିଏ ରାଜକୂଳ କରି... ... ..." (ପ୍ରକାଶିତ ୧:୬)

ମାଥିଉ ୧୬:୧୮-୧୯ ପଦଗୁଡ଼ିକରେ ପ୍ରଭୁଯୀଶୁ ମଣ୍ଡଳୀ ଓ ଈଶ୍ୱରଙ୍କ ରାଜ୍ୟର ସମାନତା ବିଷୟରେ କହିଅଛନ୍ତି ।

ପ୍ରଭୁ ଯୀଶୁ ଉପରିସ୍ଥ ସ୍ୱର୍ଗରୁ ପୃଥିବୀରେ ଥିବା ଆପଣା ରାଜ୍ୟର ରାଜତ୍ୱ କରନ୍ତି । ଖ୍ରୀଷ୍ଟିୟାନମାନେ ତାହାଙ୍କ ରାଜ୍ୟର ପ୍ରଜା ଓ ସମସ୍ତ ଜଗତ ତାହାଙ୍କ ରାଜ୍ୟର ପରିସୀମା । ନୂତନ ନିୟମ ତାହାଙ୍କ ରାଜ୍ୟର ଶାସନାବଳୀ ଆତ୍ମିକ ପୁନର୍ଜନ୍ମ ଦ୍ୱାରା

ମନୁଷ୍ୟ ତାହାଙ୍କ ରାଜ୍ୟରେ ପ୍ରବେଶ କରିବାର ଅଧିକାର ପାଏ । (ଯୋହନ ୩:୫, ରୋମୀୟ ୬:୪)

ମାଥିଉ ୬:୧୦ ପଦରେ ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନାରେ ସଫଳାର୍ଥେ ଖ୍ରୀଷ୍ଟାବ୍ଦ ୩୩ ମସିହାରେ ଯିରୁଶାଲମରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହୋଇଥିଲା । ଆଜି ପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜ୍ୟରୂପ ମଣ୍ଡଳୀ, ପୃଥିବୀରେ ରାଜତ୍ୱ କରୁଅଛି । ଏହି ରାଜ୍ୟର ଶୁଭବାର୍ତ୍ତା ସର୍ବ ଜଗତରେ ପ୍ରକଟ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପ୍ରାପ୍ତ ହୋଇଅଛୁ ।

**(Walter Swain)**

# ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ

## (Laying Aside Weights)

ପ୍ରଥମ ଶତାବ୍ଦୀର ଏବ୍ରୀ ଖ୍ରୀଷ୍ଟିୟାନମାନଙ୍କୁ, ପୁସ୍ତକ କର୍ତ୍ତା କହନ୍ତି, ''ଅତଏବ ଏତେ ବୃହତ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ପ୍ରତ୍ୟେକ ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉଁ ।'' (ଏବ୍ରୀ ୧୨:୧-୨) । ୨ୟ ଥେସଲନୀକୀ ୩:୧୭ ପଦରୁ ଏହି ପୁସ୍ତକ ପାଉଲଙ୍କ ଦ୍ୱାରା ଲିଖିତ ହୋଇନାହିଁ ବୋଲି ସ୍ୱଷ୍ଟ ହୁଏ । ଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀ ପରିତ୍ୟାଗ କରି ପୁନଃର୍ବାର ପୁରାତନ ନିୟମକୁ ନ ଫେରିବା ନିମନ୍ତେ ଲେଖକ ସେମାନଙ୍କୁ ଏହି ପୁସ୍ତକରେ ସତର୍କ କରାନ୍ତି ।

ବିଶ୍ୱାସ ଦ୍ୱାରା ଆମ୍ଭେମାନେ ମହୋତ୍ତର ସିଦ୍ଧିପ୍ରାପ୍ତ ହୋଇ ପାରିବା ବୋଲି ପୁରାତନ ନିୟମର ଯୋଦ୍ଧାମାନଙ୍କ ଦୃଷ୍ଟାନ୍ତ ଦେଇଅଛନ୍ତି । ବିଶ୍ୱାସ ଯୋଦ୍ଧାମାନଙ୍କ ବୃହତ ମେଘ ଦ୍ୱାରା ସେମାନେ ବେଷ୍ଟିତ ଥିଲେ । ବିଶ୍ୱାସ ପଥରେ ଧାବମାନ ଖ୍ରୀଷ୍ଟିୟାନମାନଙ୍କୁ ଏହି ସାକ୍ଷୀ ସମୂହ ଊର୍ଦ୍ଧ୍ୱରୁ ନୀରିକ୍ଷଣ କରନ୍ତି । ସିଦ୍ଧିଲାଭ ନିମନ୍ତେ ସମସ୍ତ ପ୍ରକାର ବାଧାବିଘ୍ନ ଅତିକ୍ରମ କରିବା ଆବଶ୍ୟକ (୧ମ କରନ୍ତି ୯:୨୪-୨୭)

କ୍ରୀଡ଼ାରଙ୍ଗରେ ପ୍ରତିଦ୍ୱନ୍ଦୀ ଆପଣା ପଥର ପ୍ରତ୍ୟେକ ବାଧାବିଘ୍ନ ଯେପରି ଦୂର କରେ, ସେପରି ଖ୍ରୀଷ୍ଟିୟାନମାନେ ମଧ ଆପଣା ବିଶ୍ୱାସ ଜୀବନ ପଥରବାଧାବିଘ୍ନ ଜୟ କରିବା ଆବଶ୍ୟକ (୧ମ କରନ୍ତୀ ୯:୨୭) ଏବ୍ରୀ ୧୧:୬, ରୋମୀୟ ୧୦:୭) ଯୋହନ ୮:୨୪, ମାର୍କ ୧୬:୧୬ ପଦରୁ 'ଅବିଶ୍ୱାସ' ସେହି 'ସହଜରେ ବେଷ୍ଟନକାରୀ ପାପ' ବୋଲି ସ୍ୱଷ୍ଟ ହୁଏ ।

## ପରିତ୍ୟାଗ କରିବାକୁ କେତୋଟି ବିଷୟ :

୧) ପୁରାତନ ନିୟମର ଅନ୍ତ ହୋଇଅଛି । (ଏଫିସୀ ୨:୧୩-୨୨) ବିଧିବିଧାନର ଅଭିଯୋଗ ପତ୍ରକୁ ଯୀଶୁଖ୍ରୀଷ୍ଟ କ୍ରୁଶରେ ଟଙ୍ଗାଇ ଦେଇଅଛନ୍ତି । (କଲସୀ ୨:୧୪-୧୭) । ଯୀଶୁଖ୍ରୀଷ୍ଟ ମହାଯାଜକତ୍ୱ ଗ୍ରହଣ କରିବା ପରେ, ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକନୀୟ ପରିବର୍ତ୍ତନ ଅଣାଯାଇଥିଲା । (ଏବ୍ରୀ ୭:୧୨-୧୪, ୯:୧୫-୧୭, ୨ୟ କରନ୍ଥୀ ୩:୧୩-୧୮) । ଯେଉଁମାନେ ଅନ୍ତ ହୋଇଯାଇଥିବା ନିୟମ ପାଳନ କରିବାକୁ ଇଚ୍ଛା କରି ନୂତନ ନିୟମ ଅଗ୍ରାହ୍ୟ କରନ୍ତି । ସେମାନେ ଆପଣା ଆପଣା ହୃଦୟ କଠିନ କରିଅଛନ୍ତି । ପଶୁବଳି, ବିଶ୍ରାମା ବାର ପାଳନ କିମ୍ବା ଯିହୁଦୀୟ ଅନ୍ୟ କୌଣସି ପର୍ବ ପାଳନ କରିବା ନିମନ୍ତେ ଖ୍ରୀଷ୍ଟିୟାନ ମାନେ ଆଜ୍ଞାପିତ ହୋଇନାହାନ୍ତି ।

୨) ସମସ୍ତ ପ୍ରକାର ଲୋଭ, କ୍ରୋଧ, ରାଗ, ହିଂସା, ନିନ୍ଦା, ମୁଖରୁ କୁତ୍ସିତ ବାକ୍ୟ ଈଶ୍ୱରଙ୍କ ଦୃଷ୍ଟିରେ ଅନାଜ୍ଞାବହତା ଅଟେ । ଏହିସବୁ ଆମ୍ଭମାନେ ପରିତ୍ୟାଗ କରିବା ଆବଶ୍ୟକ । (କଲସୀ ୩:୫-୧୧)

୩) ବ୍ୟଭିଚାର, ଅଶୁଚୀତା, କୁତ୍ସିତ ବ୍ୟବହାର ଓ ଶରୀରର ଅନ୍ୟାନ୍ୟ ବ୍ୟବହାର ଠାରୁ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଦୂରେଇ ଯିବା ଆବଶ୍ୟକ ।

୪) ରଙ୍ଗରସ ଓ ମତ୍ତତା, ଲମ୍ପଟତା ଓ କାମୁକତା, ବିବାଦ ଓ ଈର୍ଷାରେ ଆଚରଣ ନକରୁ ।

୫) ''ଅତଏବ ପ୍ରଭୁ ଯେ ମଙ୍ଗଳମୟ, ଏହା ଯଦି ଆସ୍ୱାଦନ କରିଅଛ, ତାହାହେଲେ ସମସ୍ତ ପ୍ରକାର ଦୁଷ୍ଟତା, ଛଳ, କପଟ, ଈର୍ଷା ଓ ପରନିନ୍ଦା ପରିତ୍ୟାଗ କରି ନବଜାତ ଶିଶୁତୁଲ୍ୟ ପାରମାର୍ଥିକ, ଅମିଶ୍ରିତ ଦୁଗ୍ଧପାନ କରିବାକୁ ଇଚ୍ଛା କର, ଯେପରି ତଦ୍ୱାରା ପରିତ୍ରାଣାର୍ଥେ ବୃଦ୍ଧି ପାଇପାର ।'' (୧ମ ପିତର ୨:୧-୪)

୬) ସମସ୍ତ ପ୍ରକାର ବାହାନା,ଚିନ୍ତା, ପରିତ୍ୟାଗ କରି ତାହାଙ୍କ ଉପରେ ଆମ୍ଭମାନଙ୍କ ବିଶ୍ୱାସ ସ୍ଥାପନ କରୁ । (ଲୁକ ୧୨:୨୨-୩୪, ମାଥିଉ ୬:୨୫-୩୪, ୧ମ ପିତର ୫:୭)

୭) ଆମ୍ଭମାନଙ୍କ ଜୀବନରେ ଘଟିଥିବା ଦୁଃଖ, ବେଦନା ଆମ୍ଭମାନଙ୍କ ଜୀବନ ସମ୍ପୂର୍ଣ୍ଣରୂପେ ଆୟତ୍ତ ନକରୁ । ବିଗତ ଦିନ ସ୍ମରଣ ଆମ୍ଭମାନଙ୍କ ଜୀବନ ସ୍ଥଗିତ ନ କରି, ତାହାଙ୍କ ଠାରେ ବିଶ୍ୱାସ କରି ଆଗେଇଚାଲୁ । ନିତିଦିନିଆ ଜୀବନର ଦୁଃଖକଷ୍ଟ ଆମ୍ଭମାନଙ୍କ ମନ ପ୍ରଭାବିତ କରି, ତାହାଙ୍କ ପଥରୁ ବିମୁଖ ନକରୁ । ଦାଉଦ ମହାରାଜାଙ୍କ ପୁତ୍ରର ମୃତ୍ୟୁ ପରେ ସେ ଆପଣା ଦୁଃଖ ପାସୋରି ଜୀବନଯାତ୍ରାରେ ଆଗେଇ ଯାଇଥିଲେ ।

(୨ୟ ଶାମୂଏଲ ୧୨:୨୩) ତାହାଙ୍କ ଜୀବନ ଆମ୍ଭମାନଙ୍କ ନିମନ୍ତେ ଆଦର୍ଶ ହେଉ ।

୮) ପଥଭ୍ରଷ୍ଟ ଖ୍ରୀଷ୍ଟିୟାନମାନେ ଆପଣା ଆପଣା ଅପରାଧରୁ ମନ ପରିବର୍ତ୍ତନ କରି ତାହାଙ୍କ ନିକଟକୁ ଫେରି ଆସିଲେ, ଦୟାଳୁ ପରମେଶ୍ୱର ଆପଣା ପ୍ରତିଜ୍ଞାନୁଯାୟୀ କ୍ଷମା କରିବେ (ଏବ୍ରୀ ୮:୧୦-୧୩, ୧ମ ଯୋହନ ୧:୬-୧୦, ୨:୧-୫) ଦୁଃଖକଷ୍ଟ, ବେଦନା, ଯାତନା, ଅସୁସ୍ଥତା କିମ୍ୱା ମୃତ୍ୟୁ ଆମ୍ଭମାନଙ୍କ ବିଶ୍ୱାସ ପଥରେ ବିଘ୍ନର କାରଣ ନହେଉଁ ଏହି ଜଗତର କୌଣସି ବିଷୟ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ପ୍ରେମରୁ ବିଛିନ୍ନ କରିନପାରେ ।

**(W.A. Holly)**

# LAWS OF SOWING AND REAPING

**Matthew 13**

## INTRODUCTION :

1. The physical and spiritual world have many things in common.
2. This is true with the laws of sowing and reaping.
3. Let us draw some lessons from them.

## DISCUSSION :

### I The Material World.

1. Sower.
2. Seed.
3. Soil.
4. Seed to be sown.
5. Cultivation.
6. Harvest.

### II. The Spiritual World.

1. The sower is the Christian.
2. The seed is the word of God.
3. The Soil is the world.
4. The seed is to be sown through preaching the gospel.
5. The cultivation is done through Christian living.
6. The harvest leads to eternal life.

### III. Other Principles Pertaining to Sowing and Reaping. (Galatians 6 : 7, 8).

1. Must sow to reap.
2. You always reap what you sow.
3. Harvest is greater than the sowing.
4. The harvest is final.
5. Sow a little, reap a little, etc. (2 Corinthianas. 9 : 6).

**CONCLUSION :**

1. All are sowing and all will reap.
2. What will be your harvest ?

- J.C.CHOATE

From:

SATYA VANI
P.O. BOX 80,
KAKINADA - 533 001

Printed Book only

To

..............................

..............................

..............................

..............................

(FOR PRIVATE CIRCULATION ONLY)